## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ୨ ଗୁରୁତର

**ଛେଣ୍ଡିପଦା,୩୧।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ଗ୍ରାମ ଲୁଣମାଟି ନାଳକୁ ଗାଧୋଇ ଯାଇଥିବାବେଳେ ଭାଲୁ ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନୂଆଗାଁ ଗ୍ରାମର ବୈରାଗୀ ଚନ୍ଦନ ଓ ଶମ୍ଭୁନାଥ ସାହୁ। ପ୍ରକାଶ ଯେ, ବୈରାଗୀ ଚନ୍ଦନ ଓ ଶମ୍ଭୁନାଥ ନାଳକୁ ଗାଧେଇବାକୁ ଯାଉଥିବା ବେଳେ ପ୍ରଥମେ ଗୋଟିଏ ଭାଲୁ ବୁଦାରୁ ବାହାରି ବୈରାଗୀ ଚନ୍ଦନଙ୍କୁ ଆକ୍ରମଣ କରିଥିଲା। ନିକଟରେ ଥିବା ଶମ୍ଭୁନାଥ ଭାଲୁକୁ ଘଉଡାଉଥିବା ବେଳେ ହଠାତ୍ ଆଉ ଏକ ଭାଲୁ ଶମ୍ଭୁନାଥଙ୍କୁ ଆକ୍ରମଣ କରିଥିଲା। ଉଭୟଙ୍କ ଚିତ୍କାର ଶୁଣି ଉପର ମୁଣ୍ଡରେ ଗାଧୋଉଥିବା କେତେଜଣ ଯୁବକ ଦୌଡିଆସି ପାଟି କରିବାରୁ ଭାଲୁ ପଳାଇ ଯାଇଥିଲା। ସମ୍ପୃକ୍ତ ଯୁବକମାନେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

ଛେଣ୍ଡିପଦା,୩୧।୫(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମରେ ମଙ୍ଗଳବାର କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବାସୁଦେବ ଗଡନାୟକଙ୍କ ୧୯ ବର୍ଷର ପୁଅ ଶିପୁନ ଗଡନାୟକ। ମଧ୍ୟାହ୍ନରେ ବାସୁଦେବ ପୁଅଙ୍କୁ ଖୋଜାଖୋଜି କରିଥିଲେ। ଏହି ସମୟରେ ଘର ନିକଟ ବଗିଚା କୂଅ ପାଖରେ ଶିପୁନଙ୍କ ଚପଲ ଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକଙ୍କ ସନ୍ଦେହ ହେବାରୁ କେତେଜଣ ଲୋକଙ୍କୁ ଡାକି କୂଅରେ ଖୋଜାଖୋଜି କରିବା ସହିତ କୂଅ ଭିତରୁ ଶିପୁନଙ୍କୁ ଉଦ୍ଧାର କରିଥିଲେ। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ବୋଲି ଛେଣ୍ଡିପଦା ପୋଲିସ ପ୍ରକାଶ କରିଛି।

### ୩ରେ ବିଦ୍ୟାଳୟ ଉଦ୍‌ଘାଟନ ସମାରୋହ

**ଅନୁଗୋଳ ଅଫିସ,୩୧।୫:** ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ ଅଧୀନରେ ବିଦ୍ୟାଳୟ ଉଦ୍‌ଘାଟନ ସମାରୋହ ଆସନ୍ତା ମାସ ୩ ତାରିଖରେ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ପଦ୍ଧତିରେ ଅନୁଷ୍ଠିତ ହେବ। ଅପରାହ୍ନ ୪ ଘଟିକା ସମୟରେ ଅନୁଷ୍ଠିତ ହେବାକୁଥିବା ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଜିଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଇଛି। ରାଜ୍ୟ ସରକାର ୮ ହଜାରରୁ ଊର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରଣ କରିବାର କାର୍ଯ୍ୟକ୍ରମ ରହିଛି। ୩ ପର୍ଯ୍ୟାୟ ବିଶିଷ୍ଟ ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୧ ହଜାର ୭୨ ଗୋଟି ସ୍କୁଲକୁ ରୂପାନ୍ତରଣ କାର୍ଯ୍ୟକ୍ରମରେ ଉତ୍ସର୍ଗୀକୃତ କରିବେ ବୋଲି ସୂଚନା ମିଳିଛି।

# ପୌରପରିଷଦ ବୈଠକରେ ହୋ ହଲ୍ଲା

- ଘାସିସାହି ନାମ ବଦଳି ହେବ ଆମ୍ବେଡକର ନଗର
- ଗୋଟିଏ ସ୍ଥାନରେ ହେବ ଆମିଷ ଓ ନିରାମିଷ ମାର୍କେଟ

**ଅନୁଗୋଳ ଅଫିସ, ୩୧।୫**


ବୈଠକରେ ପୌରାଧକ୍ଷ, ଉପାଧକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ସହ କାଉନସିଲରମାନେ।

ଅନୁଗୋଳ ପୌର ପରିଷଦର ଦ୍ୱିତୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ଆରମ୍ଭରୁ ନଗରପାଳଙ୍କ କାର୍ଯ୍ୟକୁ ନେଇ କାଉନସିଲରମାନେ ହୋ ହଲ୍ଲା କରିଥିଲେ। ଏପରି କି ସମୟ ମଧ୍ୟରେ ରିଜୋଲେଶନ ପ୍ରଦାନ କରାଯାଇ ନ ଥିବାରୁ ଉପାଧକ୍ଷା ଏହାକୁ ନେଇ ପ୍ରଶ୍ନ କରିଥିଲେ। ଏବେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାହା ପ୍ରଦାନ କରାଯିବ ବୋଲି ନଗରପାଳ କହିଥିଲେ। ପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା।

ବୈଠକରେ ନଗରପାଳ ଅକ୍ଷୟ କୁମାର ସାମନ୍ତ ଅଧ୍ୟକ୍ଷତା କରିଥିଲେ। ୧୬ ନମ୍ବର କାଉନସିଲର କଦମପଡ଼ିଆରେ ନିର୍ମାଣ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୃହ ବଣ୍ଟନ ଲଟେରି ମାଧ୍ୟମରେ କରିବାକୁ ଦାବି କରିଥିଲେ। କିନ୍ତୁ ଏହା ସଇରାତ ସମ୍ପତ୍ତି ହୋଇଥିବାରୁ ଟେଣ୍ଡର ମାଧ୍ୟମରେ ପ୍ରଦାନ କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଥିଲେ। ବର୍ଷା ଋତୁ ପୂର୍ବରୁ ମୁଖ୍ୟ ନାଳଗୁଡ଼ିକ ମରାମତି ସହ ଆବର୍ଜନା ସଫା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ୨୩ଟି ୱାର୍ଡରେ ଛୋଟ ଛୋଟ ପାର୍କ ନିର୍ମାଣ କରାଯିବ ବୋଲି ପୌରପରିଷଦ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ସହର ମଝିରେ ଥିବା ମାଛ ମାର୍କେଟ ସ୍ଥାନାନ୍ତରିତ କରିବା ପ୍ରସ୍ତାବରେ ମୋହର ମରାଯାଇଥିଲା। ଗୋଟିଏ ସ୍ଥାନରେ ଆମିଷ ଓ ପରିବା ମଣ୍ଡି ନିର୍ମାଣ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିଭଳି ୬ ନମ୍ବର ୱାର୍ଡରେ ଥିବା ଘାସିସାହିର ନାମ ପରିବର୍ତ୍ତନ କରାଯାଇ ଆମ୍ବେଡକର ନଗର କରାଯିବା ପ୍ରସ୍ତାବକୁ ମଧ୍ୟ ସ୍ୱୀକୃତି ମିଳିଥିଲା। ସମସ୍ତ ପୋଖରୀ ପୁନରୁଦ୍ଧାର, ପଲିଥିନ୍ ବ୍ୟାନ, ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଲୋକଙ୍କ ନିକଟରେ କିଭଳି ଭଲ ପହଞ୍ଚିବ, ଅଚଳ ପାଣି ଟାଙ୍କି ପୁନରୁଦ୍ଧାର ପାଇଁ କାଉନସିଲରମାନେ ନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ସହରର ଜେଲ ସମ୍ମୁଖରେ ଥିବା ଉଠା ଦୋକାନ ଉଚ୍ଛେଦକୁ ନେଇ କାଉନସିଲରମାନେ ପୌର କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଥିଲେ। ନଗରପାଳ ଅକ୍ଷୟ ସାମନ୍ତ କହିଛନ୍ତି, ସହରର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଛି। ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ସରକାରୀ ନିୟମରେ ସମସ୍ତ କାର୍ଯ୍ୟ କରାଯିବ। ନିୟମ ଅମାନ୍ୟ ହେଲେ କୌଣସି କାର୍ଯ୍ୟ ହୋଇପାରି ନାହିଁ।

# ସଂସ୍କୃତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଛେଣ୍ଡିପଦା,୩୧।୫(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର ବାଗଡିଆ ଉଚ୍ଚବିଦ୍ୟାଳୟ ସଂସ୍କୃତ ଶିକ୍ଷକ ସମୀର କୁମାର ସାମନ୍ତରାୟ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରାଙ୍କ ସଭାପତିତ୍ୱରେ ସ୍କୁଲ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉଦୟନାଥ ମାଝି, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ମନୋଜ କୁମାର ଆଚାର୍ଯ୍ୟ, ମୋ ସ୍କୁଲ ଅଭିଯାନ ସଭାପତି ହାଡିବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ସଂସ୍କୃତ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିଲେ। ଇଂଲିଶ ଶିକ୍ଷକ ମହେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ପରେ ଆଖପାଖ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି, ପରିଚାଳନା କମିଟି ସଦସ୍ୟ ଓ ପୁରାତନ ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କୁ ତାଙ୍କ ବାସଭବନ ଯାଏ ପାଛୋଟି ନେଇଥିଲେ। ପରିଚାଳନା କମିଟିର ବବିତା ସାହୁ, ବନାନୀ ଦେ, ତିଳୋତ୍ତମା ସେଠୀ, ଜେନାମଣି ଦେହୁରୀ, ରଞ୍ଜନ କୁମାର ସାହୁ, ଗୋପାଳ ଚନ୍ଦ୍ର ସିଂ, ମନୋଜ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ, ବିପିନ ବିହାରୀ ସିଂହ, ସବର ମାଝି, ଭଗିନୀ ନିବେଦିତା, ନମିତା ସାହୁ ଓ କର୍ମଚାରୀମାନେ ପ୍ରମୁଖ ଥିଲେ।


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ଓ ଶିକ୍ଷକକମାନେ।

# ଭୁବନ ସମବାୟ ନିର୍ବାଚନ: ସରିଲା ନାମାଙ୍କନ


ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ଭୁବନ, ୩୧।୫(ଡି.ଏନ୍.ଏ.)**

ଭୁବନ ସେବା ସମବାୟ ସମିତି ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ଭୁବନ ସେବା ସମବାୟ ସମିତି ଅଧୀନରେ ୧୫ ନିର୍ଦ୍ଦେଶକ ପଦବୀ ପାଇଁ ୧୭ଜଣ ପ୍ରାର୍ଥୀ ୪୧ ସେଟ୍ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ୨ନଂ., ୫ନଂ., ୧୧ନଂ., ୧୪ନଂ. ଏବଂ ୧୫ ନମ୍ବର ପାଇଁ ଜଣେ ଲେଖାଏ ପ୍ରାର୍ଥୀ ଅଛନ୍ତି। ଗୁରୁବାର ନାମାଙ୍କନପତ୍ର ଯାଞ୍ଚ ହୋଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୧୯ ତାରିଖରେ ମତଦାନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ତଥା ଭିଏଲ୍‌ଡବ୍ଲ୍ୟୁ ପଙ୍କଜ ଲୋଚନ ମହାଲିକ ସୂଚନା ଦେଇଛନ୍ତି। ସମିତି ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାସ୍ତା ପାଇଁ ପ୍ରଶାସନକୁ ୧୫ ଦିନ ସମୟ

**ଅନୁଗୋଳ ଅଫିସ,୩୧।୫**

ଅନୁଗୋଳ ସହରଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ପଞ୍ଚମହଲା (ଆର୍.ଟି.ଓ. ଅଫିସ) ଠାରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରିବା ଦାବିରେ ୩୧ ତାରିଖରେ ହେବାକୁ ଥିବା ଆନ୍ଦୋଳନକୁ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ସ୍ଥଗିତ ରଖିଥିବା ବେଳେ ପ୍ରଶାସନକୁ ୧୫ ଦିନ ସମୟ ଦିଆଯାଇଛି। ପ୍ରକାଶ ଯେ, କମିଟି ପକ୍ଷରୁ ଗତ ୧୭ ତାରିଖରେ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ୧୮ ତାରିଖରେ ଜିଲାପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ୧୦ଦିନ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ନ ହେଲେ ୩୧ମେ ରେ ରାଜପଥରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା। ଏହି ସମୟରେ ଜୁନ୍ ୧୫ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷହେବ ବୋଲି ପ୍ରତିନିଧିମଣ୍ଡଳୀକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ କମିଟିର ଏକ ପ୍ରତିନିଧି ମଣ୍ଡଳୀ ରାସ୍ତା ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ଅପରାହ୍ନରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଗୋପବନ୍ଧୁ ପାର୍କଠାରେ ଅନୁଷ୍ଠିତ ହୋଇଥିଲା।


ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ରାସ୍ତା ନିର୍ମାଣରେ ଅଗ୍ରଗତି ଘଟିଛି ଏବଂ ଜୁନ୍ ୧୫ ମଧ୍ୟରେ ରାସ୍ତା କାର୍ଯ୍ୟ ଶେଷ ହେବା ନେଇ କମିଟି ଆଶାବ୍ୟକ୍ତ କରିଛି। ତେବେ ଜୁନ୍ ୧୫ ମଧ୍ୟରେ କାର୍ଯ୍ୟ ଶେଷ ନ ହେଲେ ୧୬ ତାରିଖରେ ବୈଠକ ବସି ଆନ୍ଦୋଳନ ତାରିଖ ସ୍ଥିର କରିବା ପାଇଁ କମିଟି ପ୍ରସ୍ତାବ ଗ୍ରହଣ କରିଛି। କମିଟିର ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଆବାହକ ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଦିଲୀପ ଦାସ, ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇ, ପୁର୍ଣ୍ଣରାମ ଦାସ, ମାନସ ପାଳ, ହେମନ୍ତ ଦାସ, ଦାମୋଦର ଦାସ, ନିରୋଦ ପାଳ, ରମେଶ ସାହୁ, ରଜତ ରନ ଦାସ, ପ୍ରସନ୍ନ ବେହେରା, ବଳରାମ ବେହେରା, ଶିବବ୍ରତ ପାଣି, ବିଷ୍ଣୁ ସାହୁ, ବସନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅର୍ଥନୈତିକ ଅବରୋଧ ଆନ୍ଦୋଳନ ସ୍ଥଗିତ

**ତାଳଚେର,୩୧।୫(ନି.ପ୍ର.)**

ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୁନ ୧ରୁ ହେବାକୁ ଥିବା ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧକୁ ସ୍ଥଗିତ ରଖାଯାଇଛି। ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକ ପରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଘୋଷଣା କରାଯାଇଛି। ତାଳଚେର ମେଡିକାଲ କଲେଜ ପରିଚାଳନା ଓ ସରକାରୀ ବିଜ୍ଞପ୍ତି ପ୍ରକାଶ ସମ୍ପର୍କରେ ଉପଜିଲାପାଳ ବିଶ୍ୱରଞ୍ଜନ ରଥ ଓ ଏସ୍‌ଡିପିଓ ଏସ୍.ସ୍ୱାଥୀ କୁମାରଙ୍କ ଉପସ୍ଥିତିରେ ସକାଳ ୯ଟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆବାହକ ପଦ୍ମଚରଣ ସାମଲ, ଭଗବାନ ପ୍ରଧାନ, ଭୂପେନ କୁମାର ଅମ୍ବ, ଶ୍ରୀକାନ୍ତ ପାଣି, ରଙ୍ଗାଧର ନାହାକ, ରଞ୍ଜିତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଏମ୍‌ସିଏଲ୍ ଓ ରାଜ୍ୟ ସରକାର ମଧ୍ୟରେ ହୋଇଥିବା ବୁଝାମଣାପତ୍ରର ନକଲ ଦେଖାଇ ଉପଜିଲାପାଳ କହିଥିଲେ, ଏମ୍‌ସିଏଲ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମେଡିକାଲ କଲେଜର ପରିଚାଳନା ଗତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ କିଛି ମାସ ଆବଶ୍ୟକ ବୋଲି ଉପଜିଲାପାଳ କମିଟିକୁ ବୁଝାଇବା ସହିତ ଅର୍ଥନୈତିକ ଅବରୋଧ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ଅନୁରୋଧ କରିଥିଲେ। ତେବେ ଆସନ୍ତା ଏକ ମାସ ମଧ୍ୟରେ ମେଡିକାଲ କଲେଜ ପରିଚାଳନା ନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ ନ ହେଲେ ଜୁଲାଇ ୪ ରୁ ଅର୍ଥନୈତିକ ଅବରୋଧ କରାଯିବ ବୋଲି କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଜଣାଇ ଦିଆଯାଇଛି।


ବୈଠକ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ଅତିଷ୍ଠ କରୁଛି ବିଦ୍ୟୁତ୍ କାଟ

**କଣିହାଁ, ୩୧।୫(ଡି.ଏନ୍.ଏ.)**

ଅସହ୍ୟ ଗ୍ରୀଷ୍ମପ୍ରବାହ ସମୟରେ ଘନଘନ ବିଦ୍ୟୁତ୍ କାଟ କଣିହାଁ ଅଞ୍ଚଳବାସୀଙ୍କୁ ଅତିଷ୍ଠ କରୁଛି। ବିନା ସୂଚନାରେ ଘଣ୍ଟା ଘଣ୍ଟା ଧରି ବିଜୁଳି ସରବରାହ ବିଚ୍ଛିନ୍ନ କରାଯାଉଛି। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଉପଭୋକ୍ତାଙ୍କ କହିବା କଥା, ୪ଦିନ ହେଲା ଏଭଳି ସମସ୍ୟା ଲାଗି ରହିଛି। ଏହାର କାରଣ ପଚାରିଲେ କର୍ତ୍ତୃପକ୍ଷ ବୈଷୟିକ ତ୍ରୁଟି କହି ପ୍ରସଙ୍ଗ ଏଡ଼ାଇ ଯାଉଛନ୍ତି। ବିନା ଝଡ଼ବର୍ଷାରେ ବିଜୁଳି ବିଭ୍ରାଟ ଯୋଗୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରୁନାହିଁ। ପାଠପଢ଼ାଠାରୁ ଆରମ୍ଭ କରି ପାନୀୟ ଜଳଯୋଗାଣ ସବୁକିଛି ବ୍ୟାହତ ହେଉଥିବା ସୁଦାମ ସାହୁ, ସରୋଜ ସାହୁ, ପ୍ରଦ୍ୟୁମ୍ନ ସାହୁ ଅଭିଯୋଗ କରିଛନ୍ତି। ସେହିପରି ବଡ଼ହୀରା ଗ୍ରାମରେ ୩ ଫେଜ୍ ବିଶିଷ୍ଟ ଟ୍ରାନ୍ସଫର୍ମର ବସିଛି। ମଙ୍ଗଳବାର ଦୁଇଟି ଫେଜ୍‌ରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ଥିବାବେଳେ ଅନ୍ୟ ଗୋଟିଏରେ ବିଭ୍ରାଟ ଉପୁଜିଥିଲା। ଫଳରେ ୪୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ଏନ୍‌ଟିପିସି, ସମଲ, ରେଙ୍ଗାଲି ଅଞ୍ଚଳରେ ମଧ୍ୟ ଅନୁରୂପ ସମସ୍ୟା ମୁଣ୍ଡବ୍ୟଥା ବଢ଼ାଇଛି। ଆଗାମୀ ଦିନରେ ବିଦ୍ୟୁତ୍ ସେବା ସ୍ୱାଭାବିକ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ଜୋନ୍ ସଭାପତି ଦେବେନ୍ଦ୍ର ବାରିକ ଚେତାବନୀ ଦେଇଛନ୍ତି।

# ବିଶ୍ୱ ତମାଖୁ ବର୍ଜନ ଦିବସ

**ଅନୁଗୋଳ ଅଫିସ,୩୧।୫**

ତମାଖୁ ସେବନ ଦ୍ୱାରା ମଣିଷ ଶରୀରରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଟ୍ଟନାୟକ ସଭାପତିତ୍ୱ କରି ତମାଖୁ ଓ ଏହାର କୁପ୍ରଭାବ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ତମାଖୁ ଧୂଆଁରେ ୭ ହଜାରରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ରହିଛି। ସେଥିରୁ ୬୯ଟି କର୍କଟ ରୋଗର ମୁଖ୍ୟ କାରଣ। ଧୂମହୀନ ତମାଖୁରେ ୩ ହଜାରରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ଭରି ରହିଛି। ସେଥିରୁ ୨୮ଟି କର୍କଟ ରୋଗର କାରଣ ବୋଲି ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା ତମାଖୁ ସେବନ ଅଣ ସଂକ୍ରାମକ ରୋଗର ପ୍ରମୁଖ କାରଣ ବୋଲି କହିଥିଲେ। ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱ ବିହାରୀ ମହାନ୍ତି ତମାଖୁର କ୍ଷତିକାରକ ଉପାଦାନ ଉପରେ ଆଲୋଚନା କରିଥିଲେ। ଡା. ବିନୋଦ ସାହୁ ତମାଖୁ ସେବନ ଅଭ୍ୟାସ ଛାଡିବା ନିମନ୍ତେ ବିଭିନ୍ନ ଉପାୟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ଛେଣ୍ଡିପଦା,୩୧।୫(ସ୍ୱ.ପ୍ର.)**

### ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କର୍ଣ୍ଣପାଳ ପ୍ରାଥମିକ ବିଦ୍ୟାଳୟରେ ଗତ ଶନିବାର ଜଣେ ୫ମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟୁତ୍ ଆଘାତ ଲାଗିବା ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଛାତ୍ରଙ୍କୁ ବିପଦପୂର୍ଣ୍ଣ କାର୍ଯ୍ୟରେ ଲଗାଇଥିବା ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇଦେଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ବିଦ୍ୟାଳୟକୁ ଲାଗିକରି ଥିବା ଆଉଁଳି ମୁଖ୍ୟକେନାଲରୁ ପାଣି ଉଠାଇ ସ୍କୁଲ ବଗିଚାରେ ମଡ଼ାଇବାକୁ ଏକ ବିଦ୍ୟୁତ୍ ଚାଳିତ ପାଣି ପମ୍ପ ଲଗାଯାଇଥିଲା। ତେବେ ବିଦ୍ୟାଳୟ ଛୁଟି ହେବା ବେଳକୁ ପମ୍ପ ବନ୍ଦ କରାଯାଇଥିଲା। ଏହି ସମୟରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ପଞ୍ଚମ ଶ୍ରେଣୀ ଛାତ୍ରଙ୍କୁ ପମ୍ପ ଖୋଲିଆଣି ରଖିଦେବାକୁ କହିଥିଲେ। ଛାତ୍ର ଜଣଙ୍କ ପମ୍ପ ଖୋଲିବା ସମୟରେ ବିଦ୍ୟୁତ୍ ଆଘାତ ପାଇଥିଲେ। ତେବେ ଶିକ୍ଷୟିତ୍ରୀ ଜଣଙ୍କ ଦେହ ଭଲ ନ ଥିବା କହି ରୋଷେୟାଙ୍କୁ ଦାୟିତ୍ୱ ଦେଇ ଘରକୁ ପଳାଇଯାଇଥିଲେ। କିଛି ସମୟ ପରେ ଗ୍ରାମବାସୀ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଗଡମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ବିଦ୍ୟାଳୟ ଖୋଲିବାପରେ ପରିଚାଳନା କମିଟି ସଭାପତି ଓ ଗ୍ରାମବାସୀ ମିଳିତ ଭାବେ ସକାଳ ୬ଟା ବେଳେ ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଖବରପାଇ ଛେଣ୍ଡିପଦା ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଶିବପ୍ରସାଦ ମାଝି, ସିଆରସିସି ନିକୁଞ୍ଜ ବିହାରୀ ସାହୁ, କଣଲୋଇ ସରପଞ୍ଚ ଜନ୍ମେଜୟ ମାଝି ଓ ବାଗଡିଆ ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ଲୋକଙ୍କ ସହ ଆଲୋଚନା କରିଥିଲେ। ସପ୍ତାହକ ମଧ୍ୟରେ ଶିକ୍ଷୟତ୍ରୀଙ୍କୁ ନିଲମ୍ବିତ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଭିବାବକ ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକରୁ ତାଲା ଖୋଲିଥିଲେ।


ଅଭିଭାବକମାନେ ଫାଟକରେ ତାଲା ପକାଇ ଦେଇଛନ୍ତି।

## ସଂକ୍ଷେପରେ

### ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ଢେଙ୍କାନାଳ ଅଫିସ, ୩୧।୫:** ଢେଙ୍କାନାଳ ଜିଲାର ଅତିରିକ୍ତ ଜିଲାପାଳ ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୦୦ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ସେବା



(ଓଏଏସ୍) ଅଧିକାରୀ ଉଦୟ କୁମାର ମହାପାତ୍ର। ଏଥିପୂର୍ବରୁ ସେ ହିନ୍ଦୋଳ ଉପଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ଜିଲା କାର୍ଯ୍ୟାଳୟର ପଦସ୍ଥ ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାରେ ୨ ଅତିରିକ୍ତ ଜିଲାପାଳ ପଦବୀ ରହିଛି। ତନ୍ମଧ୍ୟରୁ ଗୋଟିଏ ଦୀର୍ଘ ଦୁଇବର୍ଷ ହେଲା ଖାଲି ପଡ଼ିଥିଲା।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ପରଜଙ୍ଗ, ୩୧।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଙ୍କଡ଼ାସୋଡ଼ା ଗାଁ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏକାଦଶୀ ନାୟକ। ସ୍ଥାନୀୟ ଖଣ୍ଡିଆବନ୍ଧ ପୋଖରୀକୁ ଏକାଦଶୀ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ପାଖରେ କେହି ନ ଥିବାରୁ ଘଟଣା ଜଣାପଡ଼ି ନ ଥିଲା। ମୃତଦେହ ପୋଖରୀରେ ଭାସୁଥିବା ଦେଖି କେତେଜଣ ବ୍ୟକ୍ତି ଥାନାକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ୪ ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ

**କାମାକ୍ଷାନଗର, ୩୧।୫(ଡି.ଏନ୍.ଏ.):** କାମାକ୍ଷାନଗର ଉପଖଣ୍ଡରେ ଚାଲିଥିବା ବେଆଇନ ବାଲି କାରବାର ଉପରେ ଅଙ୍କୁଶ ଲଗାଇବାକୁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଉଦ୍ୟମ। ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ସହକାରୀ ଜିଲାପାଳ ମଦନ ମୋହନ ଜେନାଙ୍କ ନେତୃତ୍ୱରେ ସୋଗର ବାଲିଘାଟ ଉପରେ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ବାଲି



ଚାଲାଣରେ ନିୟୋଜିତ ୪ ଟ୍ରକ୍ ଜବତ କରାଯାଇଛି। ଦୁଇଟି ଟ୍ରକ୍ (ନଂ. ଓଆର୍ ୦୯ ଏଚ୍ ୪୨୧୮, ଓଆର୍ ୦୯ କେ ୯୩୯୬)ରୁ ଯଥାକ୍ରମେ ୧୫ ହଜାର ଏବଂ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟ ଦୁଇଟି ଟ୍ରକ୍ (ନଂ. ଓଆର୍ ୧୪ ଆର୍ ୭୫୨୭ ଏବଂ ଓଆର୍ ୧୪ ଭି ୬୯୯୨)ର ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଉକ୍ତ ୨ଟି ଗାଡ଼ି ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ମାଲିକ ଆସି ଜରିମାନା ଦେଇ ଗାଡ଼ି ମୁକୁଳାଇବା ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ଜିଲାପାଳ ସୂଚନା ଦେଇଛନ୍ତି। ଚଢ଼ାଉରେ ପଣ୍ଡୁଆ ଫାଣ୍ଡି ପୋଲିସ ସହାୟତା କରିଥିଲା।

# ରୋଗ ଚିକିତ୍ସାରେ ସର୍ବସ୍ୱାନ୍ତ

## ୨ବର୍ଷର ଝିଅ ପାଇଁ ଗୁହାରି କଲେ ଲକ୍ଷ୍ମୀଧର

**କାମାକ୍ଷାନଗର, ୩୧।୫(ଡି.ଏନ୍.ଏ.)**



ସ୍ତ୍ରୀ ଏବଂ ଝିଅଙ୍କ ସହ ଲକ୍ଷ୍ମୀଧର।

ଆଦ୍ୟାଶା ପ୍ରଧାନ। ବୟସ ମାତ୍ର ୨ ବର୍ଷ। ଜନ୍ମରୁ ଆଜି ପର୍ଯ୍ୟନ୍ତ ଲଢୁଛନ୍ତି ଅଜଣା ବ୍ୟାଧିରେ। କି ରୋଗ ହୋଇଛି ତାହା ଜାଣିପାରୁନାହାନ୍ତି ଡାକ୍ତର। ଯେତେ ଯାହା ଚିକିତ୍ସା କଲେ ମଧ୍ୟ ସୁଫଳ ମିଳୁନାହିଁ। ଏଥିରେ ପରିବାର ସର୍ବସ୍ୱାନ୍ତ ହୋଇପଡ଼ିଥିବାବେଳେ ସହାୟତା ପାଇଁ ବାପା ଲକ୍ଷ୍ମୀଧର ପ୍ରଧାନ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ଦେବାକୁ ନେହୁରା ହୋଇଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଆମ୍ବବୋଲ ଗ୍ରାମରେ ପରିବାର ସହ ରୁହନ୍ତି ଲକ୍ଷ୍ମୀଧର। ଜନ୍ମ ପରଠୁ ଝିଅ ଆଦ୍ୟାଶାଙ୍କ ଶାରୀରିକ ଅସୁସ୍ଥତା ଲାଗି ରହିଛି। ବର୍ଷେ ହେଲା କଟକ ବଡ଼ ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁନାହିଁ। ବହୁ ପରୀକ୍ଷା ନିରୀକ୍ଷା ସତ୍ତ୍ୱେ ଆଦ୍ୟାଶା କେଉଁ ରୋଗରେ ପୀଡ଼ିତ ତାହା ଜଣାପଡୁନାହିଁ। ଦିନକୁ ଦିନ ଦୁର୍ବଳ ହୋଇପଡୁଛନ୍ତି। ଛିଡ଼ା ହେବାକୁ ବଳ ପାଉନି। ଡାକ୍ତର କହୁଛନ୍ତି ଅଧିକ ଚିକିତ୍ସା ଆବଶ୍ୟକ। ହେଲେ ଏଥିପାଇଁ ହାତରେ ଅର୍ଥ ନାହିଁ, ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଲକ୍ଷ୍ମୀଧର। ମଙ୍ଗଳବାର କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି ଶିବିରରେ ସେ ସ୍ତ୍ରୀ ଏବଂ କୁନି ଝିଅଙ୍କ ସହ ଜିଲାପାଳଙ୍କୁ ଭେଟି ଦୁଃଖ ବଖାଣିଥିଲେ। ଝିଅ ଚିକିତ୍ସାରେ ଲକ୍ଷାଧିକ ଟଙ୍କା ଧାରକରଜ କରି ସାରିଥିବାବେଳେ ଏବେ କେବଳ ପ୍ରଶାସନ ଭରସା ବୋଲି ଲକ୍ଷ୍ମୀଧର କୋହଭରା କଣ୍ଠରେ କହିଛନ୍ତି। ଅନ୍ୟପଟେ ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ନନ୍ଦିନୀ ଦେବୀ ଜୟନ୍ତୀ କମିଟିର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୩୧।୫**

ଢେଙ୍କାନାଳ ବିଭାବନା କାର୍ଯ୍ୟାଳୟରେ ସୋମବାର 'ନନ୍ଦିନୀ ଦେବୀ ଜୟନ୍ତୀ କମିଟି'ର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ କବି ମନୋରଞ୍ଜନ ନନ୍ଦ, ଉପସଭାପତି ସ୍ମିତାରାଣୀ ସାମଲ, ସମ୍ପାଦକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ଧୀରେନ ମିଶ୍ର, ସହ ସମ୍ପାଦିକା ଭାବେ ଦୀପ୍ତିଶ୍ରୀ ସାହୁଙ୍କୁ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ଅଜୟ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ବିପ୍ରବର ସାହୁ, ମିନତୀ ମିଶ୍ର, ରୋମେନା ବେଗମ୍ ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସୁସାହିତ୍ୟିକା ନନ୍ଦିନୀ ଶତପଥୀଙ୍କ ସ୍ମୃତିରେ ଏହି କମିଟି ଗଠିତ ହୋଇଛି। କମିଟି ଆନୁକୂଲ୍ୟରେ ଆସନ୍ତା ୯ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ରେ ନନ୍ଦିନୀ ଦେବୀଙ୍କ ଜୟନ୍ତୀ ସମାରୋହ ପାଳନ କରାଯିବ। ଏହି ଉପଲକ୍ଷେ ଆଲୋଚନାଚକ୍ର, କବି ସମ୍ମିଳନୀ ସହ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିବା ସଭାପତି ସୂଚନା ଦେଇଛନ୍ତି।

## ଗୋଚର ଜମିରୁ ହଟିଲା ଜବରଦଖଲ

**ବଅଁରପାଳ, ୩୧।୫(ଡି.ଏନ୍.ଏ.)**



ଜବରଦଖଲ ସ୍ଥଳରେ ସରପଞ୍ଚ।

ବଅଁରପାଳ ବ୍ଲକ କାଣ୍ଡସର ପଞ୍ଚାୟତ ଅନ୍ତର୍ଗତ ଦିବ୍ୟଦର୍ଶନ ହାଇସ୍କୁଲ ନିକଟରେ ଥିବା ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସରପଞ୍ଚ ସବିତା ମହାଲିକ ଏବଂ ୱାର୍ଡସଭ୍ୟଙ୍କ ଉଦ୍ୟମରେ ଉକ୍ତ ଜମି ଜବରଦଖଲମୁକ୍ତ ହୋଇଛି।

ସୂଚନାଯୋଗ୍ୟ, ଉକ୍ତ ଗୋଚର ଜମିରେ କେତେକ ପରିବାର ଜବରଦଖଲ କରି ରହୁଥିଲେ। ପ୍ରସ୍ତାବିତ ସ୍କୁଲ ହଷ୍ଟେଲ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜମିରେ ହୋଇଥିବା ବେଆଇନ ଜବରଦଖଲକୁ ଗ୍ରାମବାସୀ ବିରୋଧ କରି ଆସୁଥିଲେ। ଏ ନେଇ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ମଙ୍ଗଳବାର କାଣ୍ଡସର ସରପଞ୍ଚ ଏବଂ ବହୁ ୱାର୍ଡସଭ୍ୟ ଏକାଠି ହୋଇ ଜବରଦଖଲ ହଟାଇଛନ୍ତି। ଏ ସଂକ୍ରାନ୍ତରେ ସରପଞ୍ଚ କୁହନ୍ତି, ପଞ୍ଚାୟତର ଗୋଚର ଜମିକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବଳପୂର୍ବକ ଅକ୍ତିଆର କରିବାକୁ ଉଦ୍ୟମ କରୁଛନ୍ତି। ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିଲାଗି ପଞ୍ଚାୟତ ପ୍ରଶାସନ ପକ୍ଷରୁ ଉଦ୍ୟମ ଚାଲିଥିବା ସେ ସୂଚନା ଦେଇଛନ୍ତି। ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ କୁହନ୍ତି, ଗୋଚର ଜମିରେ କେତେଜଣ ଘର କରିଥିବାର ଅଭିଯୋଗ ହୋଇଛି। ସେମାନଙ୍କୁ ସେଠାରୁ ଉଚ୍ଛେଦ କରାଯିବ।

# ଗରିବ କଲ୍ୟାଣ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, ଜନପ୍ରତିନିଧିଙ୍କ ସମେତ ହିତାଧିକାରୀମାନେ।

**ଢେଙ୍କାନାଳ ଅଫିସ, ୩୧।୫**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ ପରିସରରେ ରବିବାର ଗରିବ କଲ୍ୟାଣ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହିମାଚଳ ପ୍ରଦେଶର ସିମଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଜନକଲ୍ୟାଣ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସରେ ମତ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୨୦୦ ହିତାଧିକାରୀ ଉପସ୍ଥିତ ଥିଲେ। ଏମ୍‌ପି ମହେଶ ସାହୁ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପାଧ୍ୟକ୍ଷ ବିଳାସିନୀ ସେଠୀ, ପୌର ପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ବିଡିଓ ସୁଧୀର କୁମାର ନାୟକଙ୍କ ସମେତ ବିଭିନ୍ନ ବ୍ଲକର ନିର୍ବାଚିତ ଜନପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସାବିତ୍ରୀ ରାତିରେ ଅଭାବନୀୟ ଘଟଣା

## ସ୍ତ୍ରୀ ଉପରେ ସନ୍ଦେହ କରି ଜୀବନ ହାରିଲେ ସ୍ୱାମୀ

**ଢେଙ୍କାନାଳ ଅଫିସ, ୩୧।୫**

ଢେଙ୍କାନାଳ ସଦର ଥାନା ଅଞ୍ଚଳର ଏକ ଗ୍ରାମରେ ସୋମବାର ରାତିରେ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରି ଆତ୍ମହତ୍ୟା କରିଛନ୍ତି ସ୍ୱାମୀ। ଘର ନିକଟ ଏକ ଆମ୍ବଗଛରୁ ତାଙ୍କର ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିବାବେଳେ ଆତ୍ମହତ୍ୟାର କାରଣ ସ୍ତ୍ରୀଙ୍କ ସହ ଜଣେ ସ୍ଥାନୀୟ ଜଣେ ଟ୍ୟୁସନ ସାରଙ୍କ ପ୍ରେମ ସମ୍ପର୍କ ବୋଲି ଦର୍ଶାଯାଇଛି।

ସମ୍ପୃକ୍ତ ବ୍ୟକ୍ତି ଜଣକ ଦେଢ଼ବର୍ଷ ହେଲା ଦୁବାଇରେ ରହି କାମ କରୁଥିଲେ। ଏହି ସମୟରେ ୨ ପିଲାଙ୍କୁ ଟିଉସନ କରିବାକୁ ଘରକୁ ଆସୁଥିବା ଜଣେ ଯୁବକଙ୍କ ସହ ସ୍ତ୍ରୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହା ପ୍ରଘଟ ହେବା ପରେ ସେ ସ୍ତ୍ରୀଙ୍କୁ ତାଗିଦ୍ କରିଥିଲେ। କିଛିଦିନ ତଳେ ବ୍ୟକ୍ତି ଜଣକ ଦୁବାଇରୁ ଫେରିଥିବାବେଳେ ଏହି ଘଟଣାକୁ ନେଇ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ସ୍ତ୍ରୀ ପିଲାଙ୍କୁ ଧରି ବାପ ଘରକୁ ପଳାଇଥିଲେ। ସୋମବାର ସାବିତ୍ରୀ ବ୍ରତ ଥିବାରୁ ସ୍ୱାମୀ ଫୋନ୍ କରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ କିମ୍ବା ଆସି ନ ଥିଲେ। ଏଥିରେ ମର୍ମାହତ ହୋଇ ବ୍ୟକ୍ତି ଜଣକ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ବୋହୂ ଏବଂ ଅଭିଯୁକ୍ତ ଟ୍ୟୁସନ ମାଷ୍ଟରଙ୍କ ଅନୈତିକ ସମ୍ପର୍କ ପାଇଁ ପୁଅ ଆତ୍ମହତ୍ୟା କରିଥିବା ମୃତକଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୨୫୩/୨୨, ଦଫା ୩୦୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ୬୫ରୁ ୫୧ ମାମଲାର ଫଇସଲା

## ଜିଲାପାଳ ଶୁଣିଲେ ଅଭିଯୋଗ

**କାମାକ୍ଷାନଗର, ୩୧।୫(ଡି.ଏନ୍.ଏ.)**





ଜିଲାପାଳ ଜଣେ ହିତାଧିକାରୀଙ୍କ ଅଭିଯୋଗ ଶୁଣୁଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ ସଭାଗୃହରେ ମଙ୍ଗଳବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ। ମୋଟ ୬୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୬ଟି ସାମୂହିକ ଏବଂ ଅବଶିଷ୍ଟ ବ୍ୟକ୍ତିଗତ ଅଭିଯୋଗ। ଆବାସ, ଜମିଜମା, ଭତ୍ତା ସମ୍ପର୍କିତ ଅଧିକ ମାମଲା ଆସିଥିଲା। ୫୧ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ଜଣେ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା, ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୮ ଜଣଙ୍କୁ ୨୫ହଜାର ଟଙ୍କା ପ୍ରଦାନ କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଏଲ୍. ଦିବ୍ୟା ଭି., ସିଡିଏମ୍‌ଓ ଡା.ଅଶୋକ କୁମାର ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ବିଶ୍ୱାଳ, ଜିଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରିଷ୍ଣା ରାୟ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ ଦେଓ, ବିଡିଓ ବିକାଶ ମହାନ୍ତି, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ମଣ୍ଡଳ, ଜିଲା କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଶ କୁମାର ଅଗ୍ରୱାଲ, ଥାନାଧିକାରୀ ସୁନୀଲ କର, ଏନ୍‌ଏସି ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ଶିବିର

**ଢେଙ୍କାନାଳ ଅଫିସ, ୩୧।୫**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ-୨୦୧୬ ଏବଂ ମନୁଷ୍ୟକୃତ ପରିବେଶ ପ୍ରଦୂଷଣ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ମିଶନ ସମ୍ପାଦକ ପ୍ରଦୀପ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ପ୍ରମୁଖ ବର୍ଜ୍ୟବସ୍ତୁ ପୁନଃଚକ୍ରଣ ପଦ୍ଧତି ବିଷୟରେ ଗୁରୁତ୍ୱାରୋପ କରିଥିଲେ।

# ବିଦ୍ୟାଳୟ ମିଶ୍ରଣ ପ୍ରସ୍ତାବକୁ ବିରୋଧ

**କାମାକ୍ଷାନଗର, ୩୧।୫(ଡି.ଏନ୍.ଏ.)**



ସାନ୍ତରାପୁରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଭଏରପୁର ପଞ୍ଚାୟତ ଅଧୀନ ସାନ୍ତରାପୁରରେ ୧୯୫୯ରେ ପ୍ରତିଷ୍ଠିତ ପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟତ୍ର ମିଶ୍ରଣ କରାଯିବାକୁ ମସୁଧା କରାଯାଉଛି। ଏହାଦ୍ୱାରା ୨୮ରୁ ଊର୍ଦ୍ଧ୍ୱ ପିଲାଙ୍କ ଶିକ୍ଷା ବାଧାପ୍ରାପ୍ତ ହେବ। ତେଣୁ ଏଭଳି ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ଦିଗରେ ପ୍ରଶାସନ ଏବଂ ଶିକ୍ଷା ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଉକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାନ୍ତରାପୁର ଗ୍ରାମର ୨୩ ଏବଂ ଭୁବନ ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମର ୫ଜଣ ପିଲା ପାଠ ପଢୁଛନ୍ତି। ଏଥିଲାଗି ୨ ଶିକ୍ଷକ ନିୟୋଜିତ ଅଛନ୍ତି। ଛାତ୍ରୀଛାତ୍ର ସଂଖ୍ୟା କମ୍ ଥିବା ଦର୍ଶାଇ ଉକ୍ତ ବିଦ୍ୟାଳୟକୁ ଗ୍ରାମଠାରୁ ୫କି.ମି. ଦୂର ରାଙ୍କିଆ କଲୋନୀ ସାହି ବିଦ୍ୟାଳୟରେ ମିଶ୍ରଣ କରାଯିବାକୁ ଯୋଜନା କରାଯାଉଛି। ଏହା ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସେମାନଙ୍କ କହିବା କଥା, ବିଦ୍ୟାଳୟ ମିଶ୍ରଣ ହେଲେ ପିଲାଙ୍କୁ ଅସୁରକ୍ଷିତ ଭାବେ ଜଙ୍ଗଲିଆ ପରିବେଶରେ ଯାତାୟାତ କରିବାକୁ ପଡ଼ିବ। ଉକ୍ତ ରାସ୍ତାରେ ବର୍ଷତମାମ ଭାଲୁ, ବାରହା, ପାଗଳା କୁକୁର ଆତଙ୍କ ଦେଖାଦେଉଛି। ଜୀବନ ପ୍ରତି ବିପଦ ଆଶଙ୍କା ମଧ୍ୟ ରହିଛି। ଏ ନେଇ ଅଭିଭାବକମାନେ ବିଡିଓ ଏବଂ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତେଣୁ ଜିଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ଅକ୍ଷୟ ଦାସ, ଗୋରେଖ ଦାସ, ସୁରେନ୍ଦ୍ର ଦାସ, ଗୋପବନ୍ଧୁ ଦାସ, ଅମ୍ବୁଜ ଦାସ, ମୋହନ ମୁଣ୍ଡା, ସାନନ୍ଦ ଦାସ ପ୍ରମୁଖ ଦାବି କରିଛନ୍ତି।

# ଚମକିଲେ ଅନୁଗୋଳର ପ୍ରତିଯୋଗୀ



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

## ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତା

**ବଅଁରପାଳ, ୩୧।୫(ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ୨ୟ ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତାରେ ଚମକିଛନ୍ତି ଅନୁଗୋଳର ପ୍ରତିଯୋଗୀ। ଜିଲାକୁ ପ୍ରତିନିଧିତ୍ୱ କରିଥିବା ୧୩ ପ୍ରତିଯୋଗୀ ବିଭିନ୍ନ ବିଭାଗର ପଦକ ଜିତିଛନ୍ତି। ଆଦେଶ ସାମଲ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ଅଭିକାର ଆର୍ଯ୍ୟାଦେଶ ମହାପାତ୍ର ୧ ସ୍ୱର୍ଣ୍ଣ, ଆଶୁତୋଷ ମହାପାତ୍ର ୧ ସ୍ୱର୍ଣ୍ଣ, ବିଶ୍ୱଜିତ୍ ସାମଲ ୧ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ୍, ଦେବସ୍ମିତା ଦଳବେହେରା ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ୍, ସାନ୍‌ଭି ନାୟକ ୧ ରୌପ୍ୟ, ଅବିନାଶ ମହାପାତ୍ର ୧ ବ୍ରୋଞ୍ଜ୍, ପ୍ରାଞ୍ଜଲ ଭୋଇ ୨ ବ୍ରୋଞ୍ଜ୍, ଅମ୍ଳାନ ପରିଡ଼ା ୨ ବ୍ରୋଞ୍ଜ୍, ସ୍ୱୟଂ ସେଠ ୧ ବ୍ରୋଞ୍ଜ୍ ଜିତି ଜିଲାକୁ ଗୌରବାନ୍ୱିତ କରିଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଉତ୍କଳ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ଜୟଦେବ ପଟ୍ଟନାୟକଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସ୍କୁଲ କର୍ମଚାରୀ ବିଜନ ଦଳବେହେରା, ବିଜୟ ସାମଲ, ତୁଷାର ବିଶ୍ୱାଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ପୂର୍ବାଞ୍ଚଳ କରାଟେ ଆସୋସିଏଶନ ଏବଂ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଓଡ଼ିଶା ହକି ପରିଷଦ ଅଧ୍ୟକ୍ଷ ଦିଲୀପ ତିର୍କୀ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାଶ ନାୟକ, ପୂର୍ବାଞ୍ଚଳ କରାଟେ ସଂଘ ସଭାପତି ପ୍ରେମଜିତ୍ ସେନ୍, ସମ୍ପାଦକ ପଙ୍କଜ କାମ୍ବଲି, ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ ଡ. ରହିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ।

# ବିକାଶ କାର୍ଯ୍ୟ ଦେଖିଲେ ଟ୍ରେନି ଆଇଏଏସ୍

**କାମାକ୍ଷାନଗର, ୩୧।୫(ଡି.ଏନ୍.ଏ.)**

ଭାରତ ଦର୍ଶନ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମସୌରୀରୁ ଢେଙ୍କାନାଳ ଆସିଛନ୍ତି ଟ୍ରେନି ଆଇଏଏସ୍ ଅଧିକାରୀ। ମଙ୍ଗଳବାର ଦ୍ୱିତୀୟ ଦିନରେ ସେମାନେ କାମାକ୍ଷାନଗର ଏବଂ କଙ୍କଡ଼ାହାଡ଼ ବ୍ଲକ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଦେଖିଛନ୍ତି।

ଅଧିକାରୀମାନେ କଙ୍କଡ଼ାହାଡ଼ ବ୍ଲକ କାନ୍ତୋଳ ସେବାଶ୍ରମ, ଡଙ୍ଗାପାଳ କସ୍ତୁରବା ଆବାସିକ ବିଦ୍ୟାଳୟରେ ଶିକ୍ଷା, ଖାଦ୍ୟ ବ୍ୟବସ୍ଥା ଦେଖିଥିଲେ। ଏଥିସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କ ଜୀବନଶୈଳୀ, ସରକାରଙ୍କ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ଅପରାହ୍ନରେ କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍‌ର ନୂତନ ଅଡିଟୋରିୟମ୍ ହଲ୍‌ରେ ମୋଟ ୧୮ ଆଇଏଏସ୍ ଶିକ୍ଷାନବୀଶ ପହଞ୍ଚିଥିଲେ। ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ଦତ୍ତ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବିଡିଓ ବିକାଶ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ନିର୍ବାହୀ ଯନ୍ତ୍ରୀ ବିରଜା ପ୍ରସାଦ ରଥ ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିଥିଲେ। ସେମାନେ ଗାନ୍ଧୀ ମନ୍ଦିରଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କୁସୁମଯୋଡ଼ିରେ ଏସ୍‌ଏଚ୍‌ଜି ଦ୍ୱାରା କରାଯାଇଥିବା ଛତୁ ଫାର୍ମ, କୋଟଗରାରେ ଗ୍ରାମୀଣ ପାର୍କ, ପୋଖରୀ, ସୋଗର ଔଷଧୀୟ ଅରଣ୍ୟ ବୁଲି ଖୁସିବ୍ୟକ୍ତ କରିଥିଲେ।



କାମାକ୍ଷାନଗରର ସାରଙ୍ଗଧର ଷ୍ଟାଡିୟମ ଅଡିଟୋରିୟମରେ ଟ୍ରେନି ଆଇଏଏସ୍ ଅଧିକାରୀଙ୍କ ସମେତ ଜିଲା ପ୍ରଶାସନର ପଦସ୍ଥ ଅଧିକାରୀମାନେ।

# ରଥ ମରାମତି ଶୀଘ୍ର ସାରିବାକୁ ନିଷ୍ପତ୍ତି



ବୈଠକରେ ଉପଜିଲାପାଳଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା/ଆଠମଲ୍ଲିକ, ୩୧।୫(ଡି.ଏନ୍.ଏ.)**

ଆଠମଲ୍ଲିକରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ପାଇଁ ମଙ୍ଗଳବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨ ବର୍ଷ ପରେ ଘୋଷଯାତ୍ରା ଆୟୋଜନ କରାଯାଉଥିବାରୁ ଶାନ୍ତିଶୃଙ୍ଖଳା ପ୍ରତି ସର୍ବାଧିକ ଦୃଷ୍ଟି ଦିଆଯିବ ବୋଲି ମତପ୍ରକାଶ ପାଇଥିଲା। ସେହିପରି ଆବଶ୍ୟକ ମରାମତି କାର୍ଯ୍ୟ ସହ ରଥ ନିର୍ମାଣ ଯଥାସମ୍ଭବ ଶୀଘ୍ର ଶେଷ କରିବା, ମନ୍ଦିରକୁ ରଙ୍ଗକାମ, ବଡ଼ଦାଣ୍ଡ ମରାମତି, ଆଲୋକୀକରଣ, ଆବଦ୍ଧ ଡ୍ରେନ୍ ସାଙ୍ଗକୁ ମନ୍ଦିର ପାଣିଟାଙ୍କି ନିର୍ମାଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା।

ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଲଳିତ ମୋହନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ତହସିଲଦାର ସୋଫି ସାଇନିକା, ଜିପିଇଓ ବିଜୟ ନାୟକ, ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁନୀଲ କୁମାର ପଣ୍ଡା, ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ଆଇନଜୀବୀ ଅଞ୍ଜନ ପ୍ରଧାନ, ପହଣ୍ଡି କମିଟି ସଭାପତି ସନ୍ତୋଷ ତ୍ରିପାଠୀ, ସମ୍ପାଦକ ନବକିଶୋର ତ୍ରିପାଠୀ, ରେଞ୍ଜର ସନ୍ତୋଷ ଭୋଇ, ଉଦୟନାଥ ବେହେରା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିନୟ ସାହୁ, ସ୍ୱେଚ୍ଛାସେବୀ କୃତ୍ତିବାସ ଅଗ୍ରୱାଲ, ରବୀନ୍ଦ୍ର ଦାସ, ରବିନାରାୟଣ ଦାସ, ଦେବୋତ୍ତର ସହାୟକ ନଗେନ ରାଉତ, ଥାନା ଏଏସ୍‌ଆଇ ଦେବଯାନୀ ଚାତରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

## ସଂକ୍ଷେପରେ

### ଲଳିତ ମୋହନ ଅନୁଗୋଳ ପିଡି



**ଅନୁଗୋଳ ଅଫିସ, ୩୧।୫:** ରାଜ୍ୟ ସରକାରଙ୍କ ସାଧାରଣ ଓ ପ୍ରଶାସନ ବିଭାଗ ପକ୍ଷରୁ ଓଏଏସ୍ ସ୍ତରରେ ଅଦଳ ବଦଳ କରାଯାଇଛି। ଚିଠି ନଂ. ୧୫୧୫୯ରେ ବାହାରିଥିବା ନିର୍ଦ୍ଦେଶନାମାରେ ଅନୁଗୋଳ ପିଡି ଦିଲୀପ କୁମାର ସାହୁଙ୍କର ଭୁବନେଶ୍ୱର ଏକ୍ସପୋର୍ଟ ଆଣ୍ଡ ପ୍ରମୋଶନ୍ ଆଣ୍ଡ ମାର୍କେଟିଂ (ଡିପିଏମ୍) ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ଆଠମଲ୍ଲିକ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବା ଲଳିତ ମୋହନ ବେହେରାଙ୍କୁ ଚିଠି ନଂ. ୧୫୧୬୩ରେ ଅନୁଗୋଳ ପିଡି ଭାବେ ବଦଳି କରାଯାଇଛି।

### ପଦାରେ ପଡ଼ିଲା ପରିଚାଳନା ତ୍ରୁଟି

**ଅନୁଗୋଳ ଅଫିସ, ୩୧।୫:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରାମଣି ସ୍ୱାଇଁ(୩୫) ନାମକ ମହିଳାଙ୍କ ୩ ଦିନ ତଳୁ ମୃତ୍ୟୁ ହୋଇଥିଲେ ହେଁ ୩ ଦିନ ପରେ ଏମ୍ଏଲ୍ସି (ମେଡିକୋ ଲିଗାଲ୍ କେସ୍) ପାଇଁ ଅନୁଗୋଳ ଥାନାକୁ ପଠାଯାଇଛି। ଫଳରେ ମେଡିକାଲର ପରିଚାଳନାଗତ ତ୍ରୁଟି ପଦାରେ ପଡ଼ିଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ସମ୍ପୃକ୍ତା ମହିଳାଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିନାହିଁ। ଗତ ୧୫ ତାରିଖରେ ନିଆଁରେ ପୋଡ଼ିଯାଇଥିବା ମହିଳା ଜଣଙ୍କୁ ବିକ୍ରମପୁରରୁ ୧୦୮ ଆମ୍ବୁଲାନ୍ସରେ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୨୯ ତାରିଖ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ମୃତ୍ୟୁର ୩ ଦିନ ପରେ ଅନୁଗୋଳ ଥାନାକୁ ଏମ୍ଏଲ୍ସି ପାଇଁ ପଠାଯାଇଛି। ସରକାରୀ ନିୟମ ମୁତାବକ କୌଣସି ଲୋକଙ୍କ ମୃତ୍ୟୁ କିମ୍ବା ଠିକଣା ନ ଥିବା ଲୋକ ମେଡିକାଲକୁ ଆସିଲେ ତୁରନ୍ତ ସ୍ଥାନୀୟ ଥାନାକୁ ଅବଗତ କରାଯିବା କଥା। କିନ୍ତୁ ଅଜଣା ମହିଳାଙ୍କ ମୃତଦେହ ଶବାଗାରରେ ରଖି ୩ ଦିନ ପରେ କାହିଁକି ପୋଲିସକୁ ଅବଗତ କରାଗଲା ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମେଡିକାଲ ପରିଚାଳକ କହିଛନ୍ତି, ସମ୍ପୃକ୍ତା ମହିଳାଙ୍କୁ ଚିକିତ୍ସା ପାଇଁ ଅଣାଯାଇଥିବା ସମୟରେ ଥାନାକୁ ଅବଗତ କରାଯାଇଥିଲା।

### ସଚେତନତା ରଥ ଉଦ୍‌ଘାଟିତ

**ଅନୁଗୋଳ ଅଫିସ,୩୧।୫:** ୧୪ ବର୍ଷ ପୂରି ନ ଥିବା ଶିଶୁଙ୍କୁ କର୍ମନିଯୁକ୍ତି ଦେବା ଅପରାଧ। ଏପରି କି ୧୫ରୁ ୧୮ ବର୍ଷ ବୟସର କିଶୋରଙ୍କୁ କୌଣସି ପ୍ରକାର ବୃତ୍ତି ତଥା ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ନାହିଁ। ଏଥିପାଇଁ ୨ ବର୍ଷ



କାରାଦଣ୍ଡ ଓ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ଏହି ଭୁଲର ପୁନରାବୃତ୍ତ ହେଲେ ୩ ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ। ସରକାର ଶିଶୁ ଶ୍ରମମୁକ୍ତ ଓଡ଼ିଶା ଗଠନ ନିମନ୍ତେ ଶିଶୁମାନଙ୍କୁ କାମରେ ନିୟୋଜିତ କରାଉଥିବା ବ୍ୟକ୍ତିମାନଙ୍କ ପ୍ରତି କଡା ଦଣ୍ଡ ବିଧାନ ସ୍ଥିର କରିଛନ୍ତି। ଏହି ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଗୋଳ ଜିଲା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏକ ରଥକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦ୍‌ଘାଟନ କରିବା ସହ ସମସ୍ତଙ୍କ ନିକଟରେ ଏହା କିପରି ପହଞ୍ଚିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଇଗରିଆଙ୍କ ସମେତ ସାମାଜିକ କର୍ମୀ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଠମଲ୍ଲିକ-ଧଳପୁର ସେତୁକୁ ନେଇ ବଢ଼ୁଛି ଉତ୍କଣ୍ଠା

ଆଠମଲ୍ଲିକ,୩୧।୫(ଡି.ଏନ.ଏ.)

- ୯୫% କାମ ସରିଲାଣି
- ଉଦ୍‌ଘାଟନକୁ କେବଳ ଅପେକ୍ଷା
- ଜୀବନରେଖା ଭାବେ ହେବ ପରିଗଣିତ

ପର୍ଯ୍ୟଟନ ହେଉ କି ଶିକ୍ଷା କିମ୍ବା ବ୍ୟବସାୟ, ଅନୁଗୋଳ ଜିଲାର ଆଠମଲ୍ଲିକ ଉପଖଣ୍ଡ ଏବେ ପ୍ରତିଟି କ୍ଷେତ୍ରରେ ସମୃଦ୍ଧ ହେବ। କାରଣ ଆଠମଲ୍ଲିକର ଜୀବନରେଖା କୁହାଯାଉଥିବା ନିର୍ମାଣାଧୀନ ଆଠମଲ୍ଲିକ-ଧଳପୁର ସେତୁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୯୫ ପ୍ରତିଶତ କାର୍ଯ୍ୟ ସାରିଯାଇଥିବାରୁ ଉଦ୍‌ଘାଟନ ଆଉ ବେଶୀ ବିଳମ୍ବ ନୁହେଁ ବୋଲି କୁହାଯାଉଛି। ଦକ୍ଷିଣ ଓଡ଼ିଶା ସହ ସିଧାସଳଖ ଯୋଡ଼ି ହେବାକୁ ଯାଉଥିବାରୁ ଆଠମଲ୍ଲିକ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେଠୁ ଉତ୍କଣ୍ଠା ପ୍ରକାଶ ପାଇଲାଣି।

ଗଡ଼ଜାତ ଅଞ୍ଚଳ ଆଠମଲ୍ଲିକର ଗୋଟିଏ ପାର୍ଶ୍ୱରେ ଜଙ୍ଗଲ ଓ ପଞ୍ଚଧାରା ପାହାଡ଼ ସୁରକ୍ଷା ପାଚେରି ଭଳି ଠିଆ ହୋଇଥିଲାବେଳେ ଅପରପାର୍ଶ୍ୱରେ ମହାନଦୀର ଧାରା ୭୦ କି.ମି. ପ୍ରବାହିତ ହୋଇଛି। ତେଣୁ ପ୍ରକୃତି ଓ ପର୍ଯ୍ୟଟନର ବିଭବ ଏଠାରେ ଭରପୂର ରହିଛି। ଉଷ୍ମ ପ୍ରସ୍ରବଣ ତଥା ଶୈବପୀଠ ଦେଉଳଝରୀ, ବେଲପୁଞ୍ଜି ମଠ, ବିନିକେୟୀ ମନ୍ଦିର ଓ ମାନଜୋର ଡ୍ୟାମ୍ ପରି ଅନେକ ପର୍ଯ୍ୟଟନସ୍ଥଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ହେଲେ ଆବଶ୍ୟକ ପ୍ରଚାର ପ୍ରସାର ଅଭାବ ହେଉ କିମ୍ବା ଗମନାଗମନର ସେତେଟା ଭଲ ସୁବିଧା ନ ଥିବା କାରଣରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସୁ ନ ଥିବା ଦେଖାଯାଉଛି। ଯଦିଓ ୩୧ ଡିସେମ୍ବର ୨୦୦୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୌଦ୍ଧ-କିଆକଟା ସେତୁର ଲୋକାର୍ପଣ କରିଥିଲେ, ତଥାପି ଏହାକୁ ନେଇ ଆଠମଲ୍ଲିକର ଯେପରି ବିକାଶ ହେବା କଥା ତାହା ଦେଖିବାକୁ ମିଳିନାହିଁ। ତେବେ କିଆକଟା ସେତୁଠାରୁ ୩୫ କିଲୋମିଟର ଦୂରରେ ନିର୍ମାଣ ଚାଲିଥିବା ଆଠମଲ୍ଲିକ-ଧଳପୁର ସେତୁ ଆଠମଲ୍ଲିକର ସମସ୍ତ ଅଭାବ ପୂରଣ କରିପାରିବା ଦିଗରେ ସହାୟକ ହୋଇପାରିବ ବୋଲି ଏବେଠୁ ଚର୍ଚ୍ଚା ଆରମ୍ଭ ହୋଇଛି। କନ୍ଧମାଳ ଓ ଗଞ୍ଜାମ ଜିଲା ସହିତ ଗମନାଗମନର ପଥ ସୁଗମ କରିବା ଉଦ୍ଦେଶ୍ୟରେ ୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭୂମିପୂଜା କରିବା ପରଠାରୁ ଆଠମଲ୍ଲିକବାସୀଙ୍କ ଉତ୍କଣ୍ଠା ଯେପରି ବଢ଼ି ବଢ଼ି ଚାଲିଛି। ସେଥିପାଇଁ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବରୁ ସେଠାରେ ଭିଡ଼ ବଢ଼ିବା ଆରମ୍ଭ ହୋଇଗଲାଣି। ୧୬୮ କୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ସେତୁର ଦର୍ଘ୍ୟ ୩୦୩୨ ମିଟର ଓ ଉଚ୍ଚତା ପ୍ରାୟ ୨୦ ମିଟର। ଏହି ଅନ୍ୟତମ ଦୀର୍ଘତମ ସେତୁର ଉଦ୍‌ଘାଟନ କେବେ ସେ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଜଣାପଡ଼ି ନ ଥିଲେ ମଧ୍ୟ ସରକାରଙ୍କ ଘୋଷଣା ଉପରେ ସମସ୍ତଙ୍କ ନଜର ରହିଛି।

#### ନୂଆ ପରିଚୟ ସୃଷ୍ଟି ହେବ



"ଅନୁଗୋଳ ଜିଲା ଶିଳ୍ପ ସମୃଦ୍ଧ ହୋଇଥିଲେ ମଧ୍ୟ ଆଠମଲ୍ଲିକରେ ଗୋଟିଏ ହେଲେ ଶିଳ୍ପ ନାହିଁ। ତେଣୁ ଜିଲାର ଏହି ଉପଖଣ୍ଡ ସେତେଟା ଆଗେଇପାରିନି। କିନ୍ତୁ ଆଠମଲ୍ଲିକ-ଧଳପୁର ସେତୁ ଉପଖଣ୍ଡର ସେହି ଅଭାବକୁ ପୂରଣ କରିବା ସହ ନୂତନ ପରିଚୟ ସୃଷ୍ଟି କରିବ।

-ରମେଶ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ

#### ସଂଯୋଗକାରୀ ଭୂମିକା ତୁଲାଇବ



"ମଧ୍ୟ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଆଠମଲ୍ଲିକ-ଧଳପୁର ସେତୁ ଏକ ବଡ଼ ସଂଯୋଗକାରୀ ଭୂମିକା ତୁଲାଇବ। ଏହାଦ୍ୱାରା କେବଳ ଆଠମଲ୍ଲିକ ନୁହେଁ ଅନୁଗୋଳ ଜିଲାର ଛାତ୍ରୀଛାତ୍ର, ବ୍ୟବସାୟୀଙ୍କ କନ୍ଧମାଳ ଓ ଗଞ୍ଜାମ ଜିଲାକୁ ଯାତାୟାତ ସୁଗମ ହେବ।

- ବିଜୟ କୁମାର ମହାକୁଡ଼, ଆଇନଜୀବୀ

#### ବ୍ୟବସାୟୀମାନଙ୍କୁ ସୁହାଇବ



"ଏହି ସେତୁ ଦ୍ୱାରା ଆର୍ଥିକ, ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଆଠମଲ୍ଲିକ ଲାଭବାନ ହେବ। ବ୍ୟବସାୟ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିବ। ବିଶେଷକରି କନ୍ଧମାଳ ଜିଲା ସହ ବ୍ୟବସାୟ ବାଣିଜ୍ୟ କରିବାରେ ଆଠମଲ୍ଲିକର କ୍ଷୁଦ୍ର ବେପାରୀମାନଙ୍କୁ ସହଜ ହୋଇଯିବ।

-ଛବିନ୍ଦ୍ର କୁମାର ଦାସ
ସଭାପତି, ଦୁର୍ଗା ବଜାର କମିଟି

#### ପାଠପଢ଼ାରେ ଅଧିକ ସୁଯୋଗ ମିଳିବ



"ଏହି ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ। ଏହାଦ୍ୱାରା ଆଠମଲ୍ଲିକ ଅଞ୍ଚଳର ଛାତ୍ରୀଛାତ୍ର ଦକ୍ଷିଣ ଓଡ଼ିଶାକୁ ଯାଇ ପାଠ ପଢ଼ିବାର ଅଧିକ ସୁବିଧା ପାଇପାରିବେ। ଶୀଘ୍ର କାର୍ଯ୍ୟ ଶେଷ କରାଯାଇ ସେତୁର ଉଦ୍‌ଘାଟନ କରାଯିବାକୁ ସମସ୍ତେ ଅପେକ୍ଷା କରିଛନ୍ତି।

-ପ୍ରଦୀପ କୁମାର ଦାସ
ନଗର ବିଜେଡି ସଭାପତି

# ଆଜିଠାରୁ ମେଡିକାଲରେ ଡ୍ରେସ୍‌କୋଡ୍



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ

ଅନୁଗୋଳ ଅଫିସ, ୩୧।୫

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀଙ୍କ ପାଇଁ ଡ୍ରେସ୍‌କୋଡ୍ ବ୍ୟବସ୍ଥା ଲାଗୁ କରାଯାଇଛି। ବୁଧବାରଠାରୁ ଏହାକୁ କର୍ମଚାରୀମାନେ ପାଳନ କରିବେ। ଏଥିସହ ଆଇକାର୍ଡ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଏଣିକି ବିନା ଡ୍ରେସ୍‌କୋଡ୍‌ରେ କର୍ମଚାରୀମାନେ ମେଡିକାଲ ପରିସରରେ ପ୍ରବେଶ କଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟ ଚିଠି ନଂ. ୯୫୬/୩୧।୫।୨୦୨୨ରେ ଉଲ୍ଲେଖ ରହିଛି ଯେ, ମେଡିକାଲରେ କାର୍ଯ୍ୟ କରୁଥିବା କର୍ମଚାରୀ, ପାରାମେଡିକାଲ କର୍ମଚାରୀ ଏବଂ ଠିକା ସଂସ୍ଥା ଅଧୀନରେ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀ ଡ୍ରେସ୍‌କୋଡ୍ ନିୟମ ପାଳନ କରିବେ। ଫଳରେ କିଏ କର୍ମଚାରୀ ଓ କିଏ ବାହାର ଲୋକ ତାହା ଜଣାପଡ଼ିଯିବା ସହ ରୋଗୀ ସେବାରେ ଉନ୍ନତି ଆସିପାରିବ।

#### ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ସିଡିଏମ୍‌ଓ

ସେହିଭଳି ସୁରକ୍ଷାକର୍ମୀ, ପରିମଳ କର୍ମଚାରୀ, ହେଲ୍ପଡେସ୍କ କର୍ମଚାରୀମାନେ ମେଡିକାଲ ଓ କାର୍ଯ୍ୟାଳୟକୁ ଆସିବା ସମୟରେ ଡ୍ରେସ୍ ପିନ୍ଧିବା ବାଧ୍ୟତାମୂଳକ ବୋଲି ଏହି ଚିଠିରେ ଦର୍ଶାଯାଇଛି। ତେବେ ଡ୍ରେସ୍‌କୋଡ୍ ସହ ପଞ୍ଜୀକରଣ ଥିବା ଆଇକାର୍ଡ ନ ଧରିଲେ ମେଡିକାଲ ହତାକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ମଧ୍ୟ କୁହାଯାଇଛି। ଜୁନ୍ ୧ ତାରିଖରୁ ଏହି ନିୟମ ଲାଗୁ କରିବାକୁ ମେଡିକାଲର ସମସ୍ତ ବିଭାଗକୁ ଅବଗତ କରାଯାଇଛି। ତେବେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ମେଡିକାଲର ସମସ୍ତ କର୍ମଚାରୀଙ୍କ ପାଇଁ ଡ୍ରେସ୍ କୋର୍ଡ ବାଧ୍ୟତାମୂଳକ କରାଯାଇଛି। ଯଦି ଡ୍ରେସକୋଡ୍ ବିନା କର୍ମଚାରୀ ମେଡିକାଲକୁ ଆସନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସୌମ୍ୟରଞ୍ଜନଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ



ସୌମ୍ୟରଞ୍ଜନଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ଅନୁଗୋଳ ଅଫିସ, ୩୧।୫

ସିଭିଲ ସର୍ଭିସ୍ ପରୀକ୍ଷାରେ ୩୦୬ ର୍ୟାଙ୍କ ରଖିଥିବା ଅନୁଗୋଳ ଜିଲା ପାଲଲହଡ଼ାର ସୌମ୍ୟରଞ୍ଜନ ପ୍ରଧାନଙ୍କୁ ମଙ୍ଗଳବାର ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସମ୍ବର୍ଦ୍ଧିତ କରିଛନ୍ତି। ଅପରାହ୍ନରେ ସୌମ୍ୟଙ୍କ ସହ ତାଙ୍କ ମା କଳ୍ପନା ପ୍ରଧାନ ଓ ସ୍କୁଲ ସାଙ୍ଗମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୌମ୍ୟରଞ୍ଜନଙ୍କୁ ଫୁଲତୋଡ଼ା, ଉତ୍ତରୀୟ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭଲଭାବେ ଟ୍ରେନିଂ ସାରିବା ପରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ। ଜିଲାପାଳଙ୍କ ନିକଟରୁ ସମ୍ବର୍ଦ୍ଧିତ ହେବା ପରେ ସୌମ୍ୟରଞ୍ଜନ କହିଛନ୍ତି, ଜିଲାପାଳଙ୍କ କାର୍ଯ୍ୟାଳୟରୁ ଫୋନ୍ ପାଇବା ପରେ ଖୁସି ଲାଗିଥିଲା। ଆଉ ଜଣେ ଆଇଏଏସ୍‌ଙ୍କ ସହ ମିଶିବା ପରେ ଆନନ୍ଦ ଲାଗିଲା। ତେବେ ଶିକ୍ଷାର ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିବାକୁ ପ୍ରାଥମିକତା ପ୍ରଦାନ କରିବି ବୋଲି ସେ କହିଛନ୍ତି।

# ମିଳିତ ଜନ ଶୁଣାଣି ଶିବିର

ଅନୁଗୋଳ ଅଫିସ,୩୧।୫

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ମୋଟ ୪୫ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ନିମନ୍ତେ ଜଣେ ଅଭିଯୋଗକାରୀଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶି, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଗଞ୍ଜେଇ ସହ କଣ୍ଟେନର ଜବତ, ୨ ଗିରଫ

ଅନୁଗୋଳ ଅଫିସ, ୩୧।୫

ଅନୁଗୋଳ ଅବକାରୀ ବିଭାଗକୁ ମଙ୍ଗଳବାର ଏକ ବଡ଼ ସଫଳତା ମିଳିଛି। ଏକ କଣ୍ଟେନରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମୟରେ ଅବକାରୀ ବିଭାଗ ତାହାକୁ ଜବତ କରିବା ସହ ଗାଡ଼ି ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରିଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ବୌଦ୍ଧରୁ ଏକ କଣ୍ଟେନର (ନଂ. ଏଚ୍ଆର୍୫୫ଓ୍ୱାଇ-୨୦୧୪)ରେ ୫ ପେଟି ଗଞ୍ଜେଇ ଚାଲାଣ ହେଉଥିଲା। ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବିଭିନ୍ନ ସ୍ଥାନରେ



ଜବତ ଗଞ୍ଜେଇ।

ଜଗି ରହିଥିଲା। କଣ୍ଟେନର ଅନୁଗୋଳ ସହର ଉପକଣ୍ଠ ବେଣାଗାଡ଼ିଆରେ ପହଞ୍ଚିବା ପରେ ତାହାକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଗାଡ଼ିରେ ଥିବା ଗଞ୍ଜେଇ ଭଦ୍ରକ ଜିଲାକୁ ଚାଲାଣ ହେଉଥିବା ଧରାପଡ଼ିଥିବା ଚାଳକ ଓ ହେଲପର କହିଛନ୍ତି। ତେବେ ଗାଡ଼ିରେ ୫ ପ୍ୟାକେଟ୍‌ରେ ୧୨୪.୫ କିଲୋଗ୍ରାମ ଗଞ୍ଜେଇ ଥିବା ଅବକାରୀ ବିଭାଗ ଜାଣିବାକୁ ପାଇଛି। ଏହି ଚୋରା ଚାଲାଣରେ ଅନ୍ୟମାନଙ୍କ ସମ୍ପୃକ୍ତି ଥିବାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଅନୁଗୋଳ ଅବକାରୀ ବିଭାଗ ଅଧିକାରୀ ଦିଲୀପ ବେହେରା, ଓଆଇସି ସନ୍ତୋଷ ସାହୁ, ଏସ୍ଆଇ ଭରତ ବେହେରା, ମଧୁସୂଦନ ବେହେରା, କନଷ୍ଟେବଳ ସରୋଜ ସାହୁ ଓ ବବୁଲୁ ଦେହୁରୀ ପ୍ରମୁଖ ସାମିଲ ଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମୃତକଙ୍କ ପୁଅ

#### ରମେଶ ହତ୍ୟା ଘଟଣା

ଅନୁଗୋଳ ଅଫିସ, ୩୧।୫

ଅନୁଗୋଳ ଜିଲା ବନ୍ତଲା ଥାନା ତଳଗଡ଼ ଗ୍ରାମର ରମେଶ ଚନ୍ଦ୍ର ଦେହୁରୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗକୁ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ପୋଲିସର ଏପରି ଅବହେଳା ପ୍ରତିବାଦରେ ମୃତକଙ୍କ ପୁଅ ଅଖିଳ ଦେହୁରୀ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ରମେଶ ଦେହୁରୀଙ୍କ ଠାରୁ ସେହି ଗ୍ରାମର ପ୍ରାଣବନ୍ଧୁ ସାହୁ ୫୦ ହଜାର ଟଙ୍କା ଧାର ନେଇଥିଲେ। ରମେଶ ତାଙ୍କ ଟଙ୍କା ଫେରସ୍ତ ନେଇ ବାରମ୍ବାର ମାଗିବାରୁ ଏପ୍ରିଲ ୧୫ରେ ପ୍ରାଣବନ୍ଧୁ ତାଙ୍କୁ ଅନୁଗୋଳ ବସ୍‌ଷ୍ଟାଣ୍ଡକୁ ଡକାଇଥିଲେ। ରମେଶ ସେଠାରେ ପହଞ୍ଚିବା ପରେ ତାଙ୍କୁ ଏକ ଗାଡ଼ିରେ ଡାକିନେଇ



ଅଖିଳ ଦେହୁରୀ

ପ୍ରାଣବନ୍ଧୁ ଗଳାକାଟି ହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ସୌଭାଗ୍ୟବଶତଃ ରମେଶ ୧୬ ତାରିଖ ସକାଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ପ୍ରଥମେ ନରସିଂହପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ତାଙ୍କୁ କଟକ ପଠାଯାଇଥିଲା। କଟକରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ୧୬ ତାରିଖରେ ବନ୍ତଲା ଥାନାରେ ଅଖିଳ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଘଟଣାକୁ ଦେଢ଼ମାସ ପୂରିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି।

# ମହିଳା ନେତ୍ରୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୩୧।୫(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଜଗଦଲପୁର ଗ୍ରାମ ମହିଳା ସଂଘ ସଭାନେତ୍ରୀ ଅଞ୍ଜଳି ସାହୁଙ୍କୁ ସେହି ଗ୍ରାମର ଠିକାଦାର ଗୋଲେଖ ସାହୁ ଓ ପୁଅ ସାର୍ଥକ ସାହୁ ମାଡ଼ ମାରିଥିବା ମଙ୍ଗଳବାର ଥାନାରେ ଅଞ୍ଜଳି ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୩୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଗୋଲେଖ ପୂର୍ତ୍ତ ବିଭାଗ ରାସ୍ତାରେ ପୋଲ କାର୍ଯ୍ୟ କରୁଥିବା ବେଳେ ଏକ ସରକାରୀ ଜମିରୁ ବେଆଇନ ଭାବେ ମାଟି ଆଣିଥିଲେ। ଏହାକୁ ମହିଳା ସଂଘ ପକ୍ଷରୁ ବିରୋଧ କରାଯିବା ପରେ ଗୋଲେଖ ଓ ତାଙ୍କ ପୁଅ ସାର୍ଥକ ଉତ୍‌କ୍ଷୀପ୍ତ ହୋଇ ଅଞ୍ଜଳିଙ୍କ ଘରକୁ ଯାଇ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଇଣ୍ଡା,୩୧।୫(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ତାଳମଳିହା ଗ୍ରାମ ଖେଳ ପଡିଆରେ ୟୁଥ୍ ୱାରିୟର୍ସ କ୍ଲବ ପକ୍ଷରୁ ବିନୟ ମେମୋରିଆଲ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଫଳ ଚାଷୀ ବିଜୟ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମାନସ ରଞ୍ଜନ ନାୟକ, ଚନ୍ଦ୍ରମଣି ପ୍ରଧାନ, ଘାସିନାଥ ପ୍ରଧାନ, ପି.ପ୍ରଧାନ, ବାଦଲ ପ୍ରଧାନ, ଜଗଦୀଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ମ୍ୟାଚରେ ସଞ୍ଜାମୁରାକୁ ହରାଇ ତାଳମଳିହା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ପରସୁମାଳକୁ ହରାଇ ବରହମ ବିଜୟୀ ହୋଇଥିଲା। ଶକ୍ତିପ୍ରସାଦ ରାଉତ, ଚନ୍ଦ୍ରମଣି ପ୍ରଧାନ ଖେଳ ପରିଚାଳନା କରିଥିଲେ।



ଅତିଥି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# 'ତମାଖୁ ନଷ୍ଟ କରୁଛି ଜୀବନ'

ବଇଣ୍ଡା,୩୧।୫(ଡି.ଏନ.ଏ.)

ନିଶା ପାଇଁ ବହୁ ପରିବାର ଛାରଖାର ହେଉଥିବାବେଳେ ଅନେକ ନିରୀହ ଜୀବନ ଚାଲିଯାଉଛି। ତମାଖୁ ବହୁ ଲୋକଙ୍କ ଜୀବନକୁ ନଷ୍ଟ କରିଦେଉଛି ବୋଲି କିଶୋରନଗର ଡିଗ୍ରୀ କଲେଜ ପରିସରରେ ମଙ୍ଗଳବାର ମୋ କଲେଜ ଓ ଏନ୍ଏସ୍ଏସ୍ ପକ୍ଷରୁ ଆୟୋଜିତ ବିଶ୍ୱ ତମାଖୁ ବର୍ଜନ ଦିବସରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଅନ୍ତର୍ଯ୍ୟାମୀ ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଯୋଗଦେଇ ତମାଖୁଠାରୁ ସମସ୍ତେ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ତରଣୀ ସେନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ର ସୁନୀଲ ପ୍ରଧାନ, ଗଣେଶ୍ୱର ପ୍ରଧାନ, ଛାତ୍ରୀ ସାଇସ୍ମିତା ସାହୁ କିଭଳି ତମାଖୁ ଠାରୁ ଦୂରେଇ ରହିବେ ସେ ସମ୍ପର୍କରେ ସଚେତନ କରାଇଥିଲେ। ଅଧ୍ୟାପିକା ରୁଚିସ୍ମିତା ପରିଡା ଧନ୍ୟବାଦ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କ ସହ କର୍ମଚାରୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶ୍ରୀମନ୍ଦିର ସୁରକ୍ଷା ସମିତିର ଗଣଧାରଣା

ତାଳଚେର,୩୧।୫(ନି.ପ୍ର.)

ଶ୍ରୀମନ୍ଦିରର ବିକାଶ ନାଁରେ ମନ୍ଦିର ପାର୍ଶ୍ୱରେ ଆଇନ ପରିସର ବାହାରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯାଉ ବୋଲି ଦାବି କରିଛି ଶ୍ରୀମନ୍ଦିର ସୁରକ୍ଷା ସମିତି ତାଳଚେର। ଏ ନେଇ ସୁରକ୍ଷା ସମିତି ତରଫରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଏକ ବିଶାଳ ଗଣଧାରଣା ଆବାହକ ଶ୍ରୀକାନ୍ତ ବିଶ୍ୱାଳଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଧାରଣାରେ ଶତାଧିକ ଜଗନ୍ନାଥ ପ୍ରେମୀ ଭାଗନେଇ ଓଡ଼ିଶା ସରକାର ଶ୍ରୀମନ୍ଦିର ପାରିପାର୍ଶ୍ୱିକ ବିକାଶ ନାମରେ ବିନାଶ ଓ ମନ୍ଦିର ପ୍ରତି ଭବିଷ୍ୟତରେ ଉପୁଜି ହେବାକୁ ଥିବା ବିପଦର କଡ଼ା ସମାଲୋଚନା କରିଥିଲେ। ସରକାର ଅବିଳମ୍ବେ ନିର୍ମାଣ କାର୍ଯ୍ୟର ଭବିଷ୍ୟତ ପ୍ରଭାବ ମୂଲ୍ୟାୟନ ରିପୋର୍ଟ ସାର୍ବଜନୀନ କରିବା, ଏଏସ୍ଆଇ କିମ୍ବା ଏନ୍ଏମ୍ଏରୁ ମିଳିଥିବା ଏନଓସି କିମ୍ବା ଅନୁମତିପତ୍ର ସାର୍ବଜନୀନ କରିବା, କାର୍ଯ୍ୟର ସମ୍ପୂର୍ଣ୍ଣ ଯୋଜନା, ଲେଆଉଟ୍ ଅଂଶୀଦାର ଏବଂ ପ୍ରସ୍ତାବିତ ନିର୍ମାଣଗୁଡ଼ିକ ବିବରଣୀ ସାର୍ବଜନୀନ କରିବା, ୧୦୦ ମିଟର ନିଷିଦ୍ଧ ଜୋନ ମଧ୍ୟରେ ବେଆଇନ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନର ରାଜ୍ୟ ସହ ସଂଯୋଜକ ପଣ୍ଡିତ ମହେଶ ସାହୁ, ସଂଘ ବିବିଧ କ୍ଷେତ୍ରର ଗିରିଧାରୀ ଶତପଥୀ, ମାୟାଧର ସାହୁ, ଅଶୋକ ଅଗ୍ରୱାଲା, ମନୋଜ ସାହୁ, ପରେଶ ପଟ୍ଟନାୟକ, ସଞ୍ଜୟ ମାଝି, ବିଭୂତି ସାହୁ, ବାବୁଲି ସାମଲ, ଭୁବନାନନ୍ଦ ପ୍ରଧାନ, ଶ୍ରୀନିବାସ ଖୁଣ୍ଟିଆ, ପ୍ରକାଶ ମହାରଣା, ବରୁଣ ସାହୁ, ଚୈତନ୍ୟ ପ୍ରଧାନ, ରଙ୍ଗାଧର ନାହାକ, ବିରଞ୍ଚି ସାହୁ, ମନୋଜ ପ୍ରଧାନଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ସାମିଲ ହୋଇଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

